# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ଗ୍ରୀଭାନ୍‌ସେସ୍ ଆଣ୍ଡ ସୋସିଆଲ ଜଷ୍ଟିସ୍ ଷ୍ଟାଣ୍ଡି କମିଟି ବୈଠକ ବିବରଣୀ

ତା 01.06.2022 ରିଖ,

ସମୟ- ଅପରାହ୍ନ ଘ.4.00 ଟିକା
ସ୍ଥାନ- ନିଗମ ସଭାକକ୍ଷ "ଏକାମ୍ର"

ଉପସ୍ଥିତ ସଭ୍ୟ/ସଭ୍ୟା :-

୧. ଶ୍ରୀମତୀ ବିନୟିନୀ ଜେନା, ଚେୟାରପରସନ୍
୨. ଶ୍ରୀ ଶିବ ନାରାୟଣ ରାୟ,
୩. ଶ୍ରୀମତୀ ଇତିଶ୍ରୀ ଦାସ,
୪. ଶ୍ରୀମତୀ ପ୍ରଭାସିନି ମହାନ୍ତି,
୫. ଶ୍ରୀମତୀ ଗିତାଞ୍ଜଳୀ ସାହୁ,
୬. ଶ୍ରୀମତୀ ସଞ୍ଜୁକ୍ତା ସୁନ୍ଦରାୟ

ଅଦ୍ୟ ତା 01.06.2022 ରିଖ ଅପରାହ୍ନ ଘ. 4.00 ଟିକା ସମୟରେ ଷ୍ଟାଣ୍ଡି କମିଟି ନିଗମ ସଭାକକ୍ଷ "ଏକାମ୍ର" ରେ ଭୁବନେଶ୍ୱର ମହାନଗର ନିଗମର ଗ୍ରୀଭାନ୍‌ସେସ୍ ଆଣ୍ଡ ସୋସିଆଲ ଜଷ୍ଟିସ୍ ଷ୍ଟାଣ୍ଡି କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀମତୀ ବିନୟିନୀ ଜେନା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନ ମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଯେଉଁ ବୃଦ୍ଧ, ବୃଦ୍ଧା ଭିନ୍ନକ୍ଷମ ବ୍ୟକ୍ତିମାନେ ପାଉଥିବା ଭତା ଦୀର୍ଘ ଦିନ ହେବ ନେଉନାହାଁନ୍ତି ସେମାନଙ୍କୁ ଯାଂଚ/ତଦାରଖ କରି ଓ ସରକାରଙ୍କ ଗାଇଡ୍‌ଲାଇନ୍ ଅନୁଯାୟୀ ସେମାନଙ୍କୁ ବାଦ୍ ଦିଆଯାଇ ନୂତନ ହିତାଧିକାରୀ ଚୟନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଭତା ପାଉଥିବା ବ୍ୟକ୍ତି ମାନଙ୍କ ମଧ୍ୟରୁ ଯେଉଁମାନେ ମୃତ୍ୟୁବରଣ କରିଛନ୍ତି ସେମାନଙ୍କ ସ୍ଥାନରେ ନୂଆ ହିତାଧିକାରୀ ଚୟନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ଭୁବନେଶ୍ୱର ମହାନଗର ନିଗମରୁ ଭତା ପାଉଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ କେତେକ ଶଯ୍ୟାଶାୟୀ ହୋଇ ଚିକିତ୍ସା ହେଉଛନ୍ତି । ସେମାନେ ଚିକିତ୍ସା ଖର୍ଚ୍ଚ ପାଉନାହାଁନ୍ତି । ସେମାନେ ଦୁଃଖକଷ୍ଟରେ ରହୁଛନ୍ତି । ସେମାନଙ୍କର ବ୍ୟାଙ୍କ୍ ଆକାଉଂଟ୍ ନାହିଁ । ତେଣୁ ସେମାନଙ୍କ ଘରକୁ ଯାଇ ବ୍ୟାଙ୍କ୍ ଆକାଉଂଟ୍ ଖୋଲିବା ଏବଂ ବ୍ୟାଙ୍କ୍ ନେଇ ସେମାନଙ୍କ ଘରେ ଭତା ପଇସା ଦେବାପାଇଁ ଆବଶ୍ୟକ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୪). ଭୁବନେଶ୍ୱର ମହାନଗର ନିଗମାଂଚଳରୁ ବୁଲା ଗୋରୁ, ଗାଈ ଓ ଷଣ୍ଢଙ୍କୁ ନେଇ ଜାମୁକୋଳି ସ୍ଥିତ ଗୋଶାଳାରେ ରଖାଯାଇଅଛି । ସେଠାରେ ଗୋରୁ, ଗାଈ ଓ ଷଣ୍ଢ ଇତ୍ୟାଦିଙ୍କୁ କିପରି ରଖାଯାଇଅଛି, ସେସବୁକୁ କମିଟି ପରିଦର୍ଶନ କରିବା ପାଇଁ ତାରିଖ ଓ ସମୟ ଧାର୍ଯ୍ୟ କରିବା ସହିତ ଆବଶ୍ୟକ ପଦକ୍ଷେପ ନେବାପାଇଁ ଉପ ଆୟୁକ୍ତ (ଏ ବି ସି) ଙ୍କୁ ଦାୟିତ୍ୱ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୫). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଥିବା ଅଙ୍ଗନଓ୍ୱାଡ଼ି କେନ୍ଦ୍ରରେ ପିଲା ମାନଙ୍କୁ ଠିକ୍ ଭାବରେ ଖାଦ୍ୟ ଦିଆଯାଉ ନଥିବାର କମିଟିଙ୍କ ଦୃଷ୍ଟିକୁ ଆସିଅଛି । ଏ ସମ୍ପର୍କରେ CDPO ମାନେ ଆବଶ୍ୟକୀୟ ପଦକ୍ଷେପ ନେବାପାଇଁ ଜଣାଇବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ଘ. 5.45 ମିନିଟ୍ ସମୟରେ ସଭା ସାଂଗ କରାଗଲା ।

ସ୍ୱା/- ବିନୟିନୀ ଜେନା
ସଭାପତି
ତା 01.06.2022 ରିଖ